## ସଂକ୍ଷେପରେ

### ପବିତ୍ର ହରିଜନ ଜିଲା ଛାତ୍ର କଂଗ୍ରେସ ସଭାପତି



ପାପଡ଼ାହାଣ୍ଡି, ୨୩।୪ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଛାତ୍ର କଂଗ୍ରେସ ସଭାପତିଭାବେ ପାପଡ଼ାହାଣ୍ଡି ଆଇନଜୀବୀ ପବିତ୍ର ହରିଜନଙ୍କୁ ମନୋନୀତ କରାଯାଇଛି। ପବିତ୍ର କଂଗ୍ରେସ ଜିଲା ସଭାପତି ମନୋରଞ୍ଜନ ତ୍ରିପାଠୀ, ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝି, ପୂର୍ବତନ ବିଧାୟକ ସଦନ ନାୟକ, ପିସିସି ସମ୍ପାଦକ କ୍ଷେମରାଜ ବାଘ, ପାପଡ଼ାହାଣ୍ଡି ବ୍ଲକ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ସମେତ ଜିଲା ଓ ବ୍ଲକର ସମସ୍ତ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ଦଳରେ ନିଷ୍ଠାପରଭାବେ କାମ କରିବା ସହ ସଂଗଠନକୁ ସୁଦୃଢ଼ କରି ଲୋକଙ୍କ ହକ୍ ପାଇଁ ଲଢ଼ିବେ ବୋଲି ସେ କହିଛନ୍ତି। ପବିତ୍ର କଲେଜ ସମୟରୁ ସକ୍ରିୟଭାବେ ବିଭିନ୍ନ ପଦପଦବୀରେ ନିର୍ବାଚିତ ହୋଇ କଂଗ୍ରେସ ଦଳର ପ୍ରତିଟି କାର୍ଯ୍ୟକ୍ରମରେ ସାମିଲ ହେଉଥିଲେ। ସେ ଛାତ୍ର, ଯୁବ କମିଟିର ବିଭିନ୍ନ ପଦପଦବୀରେ ମଧ୍ୟ ଥିଲେ।

### ସ୍କୁଲ ଫେରିବାକୁ ସଚେତନ କଳା ଶିକ୍ଷାରଥ



ଟିକିରି, ୨୩।୪(ଡି.ଏନ୍.ଏ.)-ରାୟଗଡ଼ା ଜିଲା ସମଗ୍ର ଶିକ୍ଷା ସୌଜନ୍ୟତାରେ କାଶୀପୁର ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ୫ ଦିନ ଧରି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ଶିକ୍ଷାରଥ ପରିକ୍ରମା କରି ସ୍କୁଲ ଯାଉ ନ ଥିବା ପିଲାଙ୍କୁ ସ୍କୁଲ ଫେରାଇନେବାକୁ ପ୍ରଚେଷ୍ଟା କରିଛି। କରୋନା ପରେ ଗ୍ରାମାଞ୍ଚଳର ଅନେକ ପିଲା ସ୍କୁଲ ଯାଉନାହାନ୍ତି। ସେହିପରି ପିଲାମାନେ ଅଧାରୁ ପାଠ ଛାଡୁଛନ୍ତି। ତେଣୁ ଏହି ଶିକ୍ଷାରଥ ଜରିଆରେ ଘର ନିକଟକୁ ଯାଇ ପିଲାମାନଙ୍କୁ ସ୍କୁଲ ପଠାଇବାକୁ ଅଭିଭାବକମାନଙ୍କୁ ବୁଝାଇଥିଲେ। ସୋମବାର ଶିକ୍ଷାରଥ ପ୍ରଥମେ ସଙ୍କରଡ଼ା ପଞ୍ଚାୟତର ପଞ୍ଚାଳି ଗ୍ରାମରେ ପହଞ୍ଚିଥିଲା। ସେଠାରେ ଗ୍ରାମବାସୀ ରଥକୁ ପାରମ୍ପରିକ ବାଦ୍ୟବାଜଣା ଓ ନୃତ୍ୟ ସହ ସ୍ୱାଗତ କରିଥିଲେ। ଏହି ଅବସରରେ ଏବିଇଓ, ସିଆର୍‌ସିସି, ସରପଞ୍ଚ, ସମସ୍ତ ବୋର୍ଡ ସଭ୍ୟ, ଅଞ୍ଚଳବାସୀଙ୍କ ସମେତ ଶିକ୍ଷକମାନେ ଉପସ୍ଥିତ ଥିଲେ।

### 'ଆସ, ପିଲାମାନେ ସ୍କୁଲ ଯିବା' ଅଭିଯାନ ସରିଲା



ପଦ୍ମପୁର, ୨୩।୪(ଡି.ଏନ୍.ଏ.)- ରାୟଗଡ଼ା ଜିଲା ପଦ୍ମପୁର ବ୍ଲକରେ ୫ ଦିନ ଧରି ଚାଲିଥିବା 'ଆସ ପିଲାମାନେ ସ୍କୁଲ ଯିବା' ଅଭିଯାନ ଶୁକ୍ରବାର ଶେଷ ହୋଇଛି। ଅନ୍ତିମ ଦିନରେ ଜୁମୁରୁଗୁଡ଼ା ଉପରସାହି ପ୍ରାଥମିକ ବିଦ୍ୟାଳୟଠାରେ ରଥକୁ ସ୍ୱାଗତ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ, ନିମନ୍ତ୍ରିତ ଅତିଥି ଭାବେ ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି, ନାଏବ ସରପଞ୍ଚ ସବିତା ବକ୍ସି, ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସରୋଜ ବିଦ୍ଧାଣି, ଡା. ଅରୁଣ ମାନସିଂ, ସମ୍ମାନିତ ଅତିଥି ରୂପେ ପଦ୍ମପୁର ବିଇଓ ସୁବାସ ଶବର, ଏବିଇଓ ନିର୍ମଳା ସାହୁ, ଗୁଡ଼ିଆବନ୍ଧ ସିଆର୍‌ସିସି ପି. ବିଶ୍ୱନାଥ, ପଦ୍ମପୁର ସିଆର୍‌ସିସି ସୁନିତା ପଣ୍ଡା, ପ୍ରଧାନ ଶିକ୍ଷକ ରାମକୃଷ୍ଣ ହୋତା, ଦିଲୀପ କୁମାର କର, ହୃଷୀକେଶ ପରିଡ଼ାଲା, ରତ୍ନାଲୁ ଆରତି, ରେଣୁବାଳା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପିଲାଙ୍କୁ ସ୍କୁଲ ମୁହାଁ କରିବାରେ ଶିକ୍ଷାରଥ ଅଭିଭାବକଙ୍କୁ ମଧ୍ୟ ପ୍ରେରିତ କରିଥିଲା। ସେହିପରି ଉକ୍ତ ସଚେତନତା ରଥକୁ ଖମାପଦର ପଞ୍ଚାୟତର ବିରିପଦର ହାଇସ୍କୁଲଠାରେ ପ୍ରଧାନ ଶିକ୍ଷକ ପ୍ରଦୀପ ବାହିନୀପତି ସ୍ୱାଗତ କରିଥିଲେ। ସ୍କୁଲର ଅନ୍ୟ ଶିକ୍ଷକମାନେ ଉପସ୍ଥିତ ଥିଲେ। ଶେଷରେ ପଦ୍ମପୁର ବିଇଓଙ୍କ କାର୍ଯ୍ୟାଳୟଠାରେ ରଥକୁ ସ୍ୱାଗତ କରାଯାଇଥିବା ବେଳେ ୫ଦିନ ବ୍ୟାପୀ ସଚେତନତା ପରେ ଉଦ୍‌ଯାପନୀ ଉତ୍ସବ ପାଳନ ଅବସରରେ ପଦ୍ମପୁର ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ବିଇଓ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଚଢ଼ା ଦର ସାଙ୍ଗକୁ ନିମ୍ନମାନର ଖାଦ୍ୟ ସାମଗ୍ରୀ ବିକ୍ରି ବଢ଼ୁଛି

■ ଖାଉଟିଙ୍କ ଜୀବନ ସହ ଖେଳ
■ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଦାବି

ଟିକିରି, ୨୩।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ଅତ୍ୟାବଶ୍ୟକ ସାମଗ୍ରୀ ଚଢ଼ାଦରରେ ବିକ୍ରି ହେଉଛି। ଏମିତିକି ବଜାରରେ ନିମ୍ନମାନର ଖାଦ୍ୟ ସାମଗ୍ରୀ ବିକ୍ରିକରି ଖାଉଟିଙ୍କ ଜୀବନ ସହ ଖେଳୁଥିବା ଅଭିଯୋଗ ହେଉଛି। ଯୁଦ୍ଧ ଯୋଗୁ ଖାଇବା ତେଲ ସମେତ ବିଭିନ୍ନ ସାମଗ୍ରୀର ଦର ବଢ଼ିଛି। ତେବେ କାଶୀପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଅତ୍ୟାବଶ୍ୟକ ଜିନିଷର କଳାବଜାର ହେଉଥିବା ଅଭିଯୋଗ ହେଉଛି। ଏ ନେଇ ଜଣେ ବ୍ୟବସାୟୀଙ୍କୁ ପଚାରିବାରୁ ନାମ ଗୋପନ ରଖି କହିଛନ୍ତି, ରାୟଗଡ଼ାର ହୋଲ୍‌ସେଲରମାନେ ତେଲରେ ଏମ୍‌ଆର୍‌ପିଠାରୁ ୪ ଟଙ୍କା ଅଧିକ ନେଉଛନ୍ତି। ସେଥିପାଇଁ ଖୁଚୁରା ବ୍ୟବସାୟୀମାନେ ମଧ୍ୟ ସେହି ଅନୁଯାୟୀ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି ବୋଲି ସେ କହିଛନ୍ତି। ଖାଇବା ତେଲ ବ୍ୟତୀତ ଅନ୍ୟ ଖାଉଟି ସାମଗ୍ରୀ ଚଢ଼ା ଦରରେ ବିକ୍ରି ହେଉଛି।

ଏମିତିକି ବ୍ଲକର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ ଟିକିରିରେ ନିମ୍ନମାନର ଖାଦ୍ୟ ସାମଗ୍ରୀ ଯଥା ତେଲ, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ ଏବଂ ମସଲା ଗୁଣ୍ଡ ବିକ୍ରି ହେଉଥିବା ଅଭିଯୋଗ ହେଉଛି। କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟବସାୟୀ ଅବଧି ଶେଷ ହୋଇଥିବା ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ବାରମ୍ବାର ଅଭିଯୋଗ ହେଉଛି। ସଚେତନ ଗ୍ରାହକ ଖାଦ୍ୟ ସାମଗ୍ରୀର ଅବଧି ସରିଯାଇଥିବା ଦେଖି ପ୍ରତିବାଦ କଲେ ସେମାନଙ୍କୁ ଜିନିଷ ବଦଳାଇ ଦିଆଯାଉଛି। ହେଲେ ଆଦିବାସୀ ଅଧୁଷିତ ଅଞ୍ଚଳରେ ଅନେକ ଅସଚେତନ ଲୋକ ଅବଧି ନ ଦେଖି କିଣୁଥିବାବେଳେ ବ୍ୟବସାୟୀମାନେ ଏହାର ଲାଭ ଉଠାଉଛନ୍ତି।

ଯୋଗାଣ ବିଭାଗ ପକ୍ଷରୁ ମଧ୍ୟ ଏ ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାହକମାନେ ଅଭିଯୋଗ କରୁଛନ୍ତି। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି। ନିୟମିତ ବଜାରରେ ଚଢ଼ାଉକରି ଯାଞ୍ଚକରି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳର ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# ୪.୬ କୁଇଣ୍ଟାଲ ଗଞ୍ଜେଇ ଜବତ, ୩ ଗିରଫ

## ଅବକାରୀ ଧରପଗଡ଼

ଟିକିରି/ରାୟଗଡ଼ା ଅଫିସ, ୨୩।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲାରେ ଗଞ୍ଜେଇ ଚୋରାଚାଲାଣ ରୋକିବା ନିମନ୍ତେ ଅବକାରୀ କମିଶନର ଆଶିଷ କୁମାର ସିଂଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଏହି କ୍ରମରେ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ନିର୍ଦ୍ଦେଶରେ ଅବକାରୀ ଏସ୍‌ପି ନିନା ବେଉରାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ଶନିବାର ସକାଳେ ଏହି ଟିମ୍ କାଶୀପୁର ବ୍ଲକ ଟିକିରି ଥାନା ଅଧୀନ ସିନ୍ଦୁରପଦର ଗ୍ରାମରେ ଚଢ଼ାଉ କରି ୪ କୁଇଣ୍ଟାଲ ୬୫ କେ.ଜି. ଗଞ୍ଜେଇ ଜବତ କରିଛି। ଗଞ୍ଜେଇ କାରବାରରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩୫ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଧରପଗଡ଼ରେ ଅବକାରୀ ଇନ୍ସପେକ୍ଟର ସୀମାକିରଣ ବେଗ୍, ରାୟଗଡ଼ା ଅବକାରୀ ଥାନା ଅଧିକାରୀ ସୂର୍ଯ୍ୟ ନାରାୟଣ ରଥ, ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ରଘୁନାଥ ମୁଣ୍ଡା ଲୋହାର ଏବଂ କର୍ମଚାରୀମାନେ ସାମିଲ ଥିଲେ।

# ବେଲୁନ ବିକିବାକୁ ଯାଇ ଫେରିନି ପୁଅ

## ଥାନାରେ ଏତଲା

ପାପଡ଼ାହାଣ୍ଡି, ୨୩।୪(ଡି.ଏନ୍.ଏ.)–

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଥାନା ଅଧୀନ ସାନବାର୍ଲି ଗ୍ରାମର ଜଣେ ନାବାଳକ ୩ ଦିନ ହେଲା ନିଖୋଜ ଅଛନ୍ତି। ଏ ନେଇ ମଇଦଲପୁର ଫାଣ୍ଡିରେ ବାପା ପରମାନନ୍ଦ ହରିଜନ ଲିଖିତ ଅଭିଯୋଗ କରିଛନ୍ତି।



ଅର୍ଜୁନଙ୍କ ମା', ବାପା।

ସୂଚନା ଅନୁଯାୟୀ, ପରମାନନ୍ଦଙ୍କ ସାନ ପୁଅ ଅର୍ଜୁନ(୧୬) ଗ୍ରାମର ଅନ୍ୟ ୩ ପୁଅଙ୍କ ସହ ବୁଧବାର ମଇଦଲପୁରଠାରେ ମାଁ ଠାକୁରାଣୀଙ୍କ କଳସ ଯାତ୍ରାରେ ବେଲୁନ ବିକ୍ରି କରିବାକୁ ଆସିଥିଲେ। ସାଙ୍ଗରେ ଯାଇଥିବା ୩ ବାଳକ ଗୁରୁବାର ଘରକୁ ଫେରିଥିଲେ ମଧ୍ୟ ଅର୍ଜୁନ ଫେରି ନ ଥିଲେ। ଘର ଲୋକେ ପଚାରିବାରୁ ସେ ବସ୍‌ରେ ଆସିବ ବୋଲି ସାଙ୍ଗମାନେ କହିଥିଲେ। ସନ୍ଧ୍ୟାପରେ ମଧ୍ୟ ପୁଅ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। କୌଣସି ସନ୍ଧାନ ନ ମିଳିବାରୁ ଶନିବାର ଅର୍ଜୁନଙ୍କ ମା' ଏବଂ ବାପା ମଇଦଲପୁର ଫାଣ୍ଡିରେ ନିଖୋଜ ନେଇ ଏତଲା ଦେଇଛନ୍ତି। ପୁଅକୁ ଖୋଜିବାରେ ସାହାଯ୍ୟ କରିବାକୁ ଅନୁରୋଧ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଫାଣ୍ଡି ଅଧିକାରୀ ଡି ଦେବିକୁମାର ସୂଚନା ଦେଇଛନ୍ତି।

# ଖବରଦାତାଙ୍କୁ ଆକ୍ରମଣ, ଥାନାରେ ମାମଲା

ନବରଙ୍ଗପୁର, ୨୩।୪(ବି.ପ୍ର.)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଅଞ୍ଚଳର ଖବରଦାତା ମହେଶ୍ୱର ମହାନ୍ତିଙ୍କୁ ଆକ୍ରମଣ କରାଯାଇଥିବା ଶନିବାର ଖାତିଗୁଡ଼ା ଥାନାରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଆକ୍ରମଣକାରୀଙ୍କ ପକ୍ଷରୁ ମଧ୍ୟ ଥାନାରେ ପାଲଟା ଅଭିଯୋଗ ହୋଇଛି। ଏହି ଘଟଣାରେ ନବରଙ୍ଗପୁର ଏସ୍‌ପି ସ୍ମିତ ପରମାରଙ୍କ ହସ୍ତକ୍ଷେପ ପରେ ଖାତିଗୁଡ଼ା ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମହେଶ୍ୱର ଡ୍ରେନ୍ କାମରେ ଅନିୟମିତତାକୁ ନେଇ ଏକ ଖବର ପ୍ରକାଶ କରିଥିଲେ। ସହକାରୀ ଯନ୍ତ୍ରୀ ଶାନ୍ତିଲତା ହେମ୍ବ୍ରମଙ୍କ ମତାମତ ସହ ଖବର ଲେଖିଥିଲେ। ଏହାପରେ ଘଟଣାକୁ ଚପେଇ ଦେବା ପାଇଁ ମହେଶ୍ୱରଙ୍କୁ ବିଭିନ୍ନ ଫୋନ୍ କଲ୍‌ରେ ହତ୍ୟା ଧମକ ଆସିଥିଲା । ଜୀବନ ପ୍ରତି ବିପଦ ଥିବାରୁ ଖବରଦାତା ଜଣକ ଖାତିଗୁଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାର ପ୍ରାଥମିକ ତଦନ୍ତ କରିଥିଲା। ହେଲେ ମହେଶ୍ୱର ଘରୁ ବାହାରିଲେ ଭୟରେ ସୁରକ୍ଷା ପାଇଁ ମୋବାଇଲରେ ଭିଡିଓ ରେକର୍ଡ କରି ବାହାରୁଥିଲେ। ଶନିବାର ତାଙ୍କୁ ରାସ୍ତାରେ ଅଟକାଇ ମାଡ଼ ମାରିଥିବା ମହେଶ୍ୱର ଏତଲାରେ ଉଲ୍ଲେଖ କରିଛନ୍ତି। ଏହି ଘଟଣାରେ କୃଷ୍ଣ କର୍କରା ଓ ତ୍ରିନାଥ ହରିଜନଙ୍କ ନାମରେ ୩୧/୨୨ରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଜିଲାର ବିଭିନ୍ନ ଖବରଦାତା ସଙ୍ଗଠନ ଖବରଦାତାଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ପୋଲିସ ଓ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏକ ଉନ୍ନୟନ କାର୍ଯ୍ୟକୁ ନେଇ ଖବର ପ୍ରକାଶ ନ କରିବାକୁ ଧମକ ଓ ପରବର୍ତ୍ତୀ ସମୟରେ ଖବରଦାତାଙ୍କୁ ଆକ୍ରମଣ କରିବା ନିନ୍ଦନୀୟ। ଏଥିପାଇଁ ସରକାର ଖବରଦାତାଙ୍କ ସୁରକ୍ଷା ପାଇଁ ଉପଯୁକ୍ତ ଆଇନ ପ୍ରଣୟନ କରନ୍ତୁ ବୋଲି ଦାବି ହୋଇଛି।

# ପ୍ରଶାସନ ହସ୍ତକ୍ଷେପ ପରେ ବି ହୋଇପାରୁନି ସମାଧାନ

କୋଡ଼ିଙ୍ଗା, ୨୩।୪(ଡି.ଏନ୍.ଏ.)

ପ୍ରଶାସନ ହସ୍ତକ୍ଷେପ ପରେ ବି ହୋଇପାରୁନାହିଁ ପୂଜାରୀଗୁଡ଼ା ଗ୍ରାମ୍ୟ ଜଙ୍ଗଲ କଟା ବିବାଦର ସମାଧାନ। ଗୁରୁବାର ଗୁମଣ୍ଡଳି ଗ୍ରାମରେ ପ୍ରଶାସନ ଗ୍ରାମବାସୀଙ୍କୁ ନେଇ ବୁଝାମଣା ପାଇଁ ବହୁ ଚେଷ୍ଟା ସତ୍ତ୍ୱେ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ଗୁରୁବାର ଗୁମଣ୍ଡଳି ଗ୍ରାମର ନର୍ସରିରେ କୋଡିଙ୍ଗା ତହସିଲଦାର ଶିବପ୍ରସାଦ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ସବ୍ୟସାଚୀ ଜେନା, କୋଡ଼ିଙ୍ଗା ରେଞ୍ଜର ଶ୍ରୀନିବାସ ଆଚାରୀ, ବନପାଳ ପ୍ରଶାନ୍ତ ପାଢ଼ୀ, ଚକ୍ରଧର ନାଗ, ବନରକ୍ଷୀ ଦୀପକ ପ୍ରଧାନ, ରଶ୍ମିତା ତ୍ରିପାଠୀ ଓ ପାରା ଷ୍ଟାଫ୍ ୨ଗୋଷ୍ଠୀରୁ କେତେଜଣ ଲୋକଙ୍କୁ ନେଇ ଏକ ଶାନ୍ତି କମିଟି ଗଠନ କରାଯାଇଥିଲା। କେହି ଜଙ୍ଗଲରୁ କାଠ କାଟିବେ ନାହିଁ, ଉଭୟ ପକ୍ଷ ବୁଝାମଣା ପରେ ଶୃଙ୍ଖଳା କାଠ କିମ୍ବା କ୍ଲିନିଂ ବ୍ୟବସ୍ଥା କରାଯିବା ନେଇ ଆଲୋଚନା ହୋଇଥିଲା। ଏହି ସମୟରେ ନବରଙ୍ଗପୁର ଜିଲା ଆଦିବାସୀ କଲ୍ୟାଣ ଜନମୋର୍ଚ୍ଚା ଉପଦେଷ୍ଟା ଦିବାକର ପୂଜାରୀ ଗ୍ରାମବାସୀ ଏବଂ ପ୍ରଶାସନ ମଧ୍ୟରେ ଚାଲିଥିବା ଆଲୋଚନାରେ ହସ୍ତକ୍ଷେପ କରିବାରୁ ପ୍ରଥମ ପକ୍ଷ ଉକ୍ତ ବୈଠକରୁ ଚାଲିଯାଇଥିଲେ। କୌଣସି ପ୍ରକାରେ ଦ୍ୱିତୀୟ ପକ୍ଷକୁ ସମର୍ଥନ ନ କରିବାକୁ ଉକ୍ତ ବୈଠକରେ ଜଣାଇ ଦେଇଥିଲେ।

# ୨ ହାର୍ଡକୋର ମାଓବାଦୀ ଗିରଫ

ମାଲକାନଗିରି, ୨୩।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ପୋଲିସ ୨ଜଣ ହାର୍ଡକୋର ମାଓବାଦୀଙ୍କୁ ଗିରଫ କରିଛି। ସେମାନେ ହେଲେ ଆଶି ରାମ(୩୮) ଓ ସନ୍ନୁ ମାଡଭି(୨୮)। ମାଓବାଦୀ ବିରୋଧୀ ଅପରେଶନ ନାରାୟଣପୁର ଜିଲାରେ ଜାରି ରହିଥିବା ବେଳେ ଶନିବାର ଡିଆର୍‌ଜି ଯବାନମାନେ ଛୋଟେଙ୍ଗେର ପୋଲିସ ଷ୍ଟେଶନ କ୍ୟାମ୍ପ ପଡ଼ିଥିବା କାଡେମେଟାରୁ ଆଖପାଖ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରୁଥିଲେ। ଏହି ସମୟରେ ଭଟବେଡା ଗ୍ରାମ ଜଙ୍ଗଲରେ ୨ ଜଣ ସନ୍ଦିଗ୍ଧ ଲୁଚି ରହିଥିବା ଯବାନମାନେ ଦେଖିବାକୁ ପାଇଥିଲେ। ଯବାନଙ୍କୁ ଦେଖି ଆଶି ଓ ସନ୍ନୁ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ତେବେ ଯବାନମାନେ ଉଭୟଙ୍କୁ କାବୁ କରି ନେଇଥିଲେ। ସେମାନେ ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରୁଥିବା, ପୂର୍ବରୁ ଅନେକ ହିଂସାରେ ଜଡ଼ିତ ରହିବା ସହ ଦୁଇଜଣ ଆଇଟିବିପି ଯବାନଙ୍କୁ ହତ୍ୟା ଘଟଣାରେ ସାମିଲ ଥିବା ପଚରାଉଚରା ବେଳେ ପୋଲିସ ନିକଟରେ ଉଭୟେ ସ୍ୱୀକାର କରିଛନ୍ତି।




ଗିରଫ ହୋଇଥିବା ୨ ମାଓବାଦୀ।

# ୬ କେ.ଜି. ଗଞ୍ଜେଇ ଜବତ, ଜଣେ ଗିରଫ

ଉମରକୋଟ, ୨୩।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ ବେଳେ ୬ କେ.ଜି. ଗଞ୍ଜେଇ ଜବତ କରାଯିବା ସହ ଜଣେ ସମ୍ପୃକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ଉମରକୋଟ ନିକଟସ୍ଥ ବଡ଼କୁମାରୀ ବଙ୍ଗୀୟ ଗ୍ରାମର ସୁଧନ୍ୟ ମଣ୍ଡଳ।

ସୂଚନା ଅନୁଯାୟୀ, ନବରଙ୍ଗପୁର ଅବକାରୀ ଏସ୍‌ପି ସନ୍ତୋଷ କୁମାର ଧଳସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଅବକାରୀ ବିଭାଗର ଏକ ଟିମ୍ ଉମରକୋଟ ମିକ୍ସ ଫାର୍ମ ନିକଟସ୍ଥ ଶିବମନ୍ଦିର ପାଖରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଅଭିଯୁକ୍ତ ଏକ ଧଳା ବ୍ୟାଗ୍‌ରେ ୬ କେ.ଜି. ଗଞ୍ଜେଇ ନେଇ ଚାଲି ଚାଲି ଯାଉଥିଲେ। ସନ୍ଦେହରେ ଅବକାରୀ ବିଭାଗ କର୍ମଚାରୀମାନେ ତାଙ୍କୁ ଅଟକାଇଥିଲେ। ବ୍ୟାଗ୍ ଯାଞ୍ଚବେଳେ ସେଥିରୁ ଗଞ୍ଜେଇ ବାହାରିଥିଲା। ଯାଞ୍ଚବେଳେ ଅବକାରୀ ଇନ୍ସପେକ୍ଟର ହରିହର ସିଂ, ଉମରକୋଟ ଅବକାରୀ ଥାନା ଅଧିକାରୀ ମନୁ ଆୟେଲ, ରାଇଘର ଅବକାରୀ ଥାନା ଅଧିକାରୀ କୁଶ ଜାଲ, ଡାବୁଗାଁ ଏସ୍‌ଆଇ ମାଖନ ହାଲ୍‌ଦାର, କନଷ୍ଟେବଳ ସୁରେନ୍ଦ୍ର କୁମାର ପଣ୍ଡା, ଦେବାଶିଷ ଦାସ, ଜ୍ୟୋତ୍ସ୍ନା ହରିଜନ, ସୁବାସ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନ ମିଳିବାରୁ ଜେଲ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

# ୧୧୦ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ପ୍ରଦାନ

ଉମରକୋଟ, ୨୩।୪(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ପୌର ପରିଷଦ ପକ୍ଷରୁ କୋଣ୍ଡାଗାଁ ରୋଡ୍‌ସ୍ଥିତ କଲ୍ୟାଣ ମଣ୍ଡପଠାରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ ୧୧୦ ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନା ମାଧ୍ୟମରେ ଭୂମିହୀନଙ୍କୁ ଚିହ୍ନଟ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୧୦ ଜଣଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଯୋଗ ଦେଇଥିବାବେଳେ ଉମରକୋଟ ବିଧାୟକଙ୍କ ପ୍ରତିନିଧି ଭାବେ ରମେଶ ଚନ୍ଦ୍ର ସାହୁ, ପୌରାଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି, ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ ପାଢ଼ୀ ଓ ସମସ୍ତ ନବ ନିର୍ବାଚିତ କାଉନସିଲର ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ କାର୍ଯ୍ୟାଦେଶ ପାଇଥିବା ସମସ୍ତ ହିତାଧିକାରୀଙ୍କୁ ଉତ୍ସାହିତ କରିଥିଲେ। ୩ ମାସ ମଧ୍ୟରେ ଘର କାମ ସାରି ସରକାରଙ୍କ ଦ୍ୱାରା ରଖାଯାଇଥିବା ୨୦ ହଜାର ଟଙ୍କା ବୋନସ ପାଇବା ଦିଗରେ ଦୃଷ୍ଟି ଦେବାକୁ କହିଥିଲେ। ପୌର ପରିଷଦର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତ୍ରିଲୋକ୍ୟ ବେହେରା ମଞ୍ଚ ପରିଚାଳନା କରିଥିଲେ।



ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

# ବ୍ଲକସ୍ତରୀୟ ମାଗଣା ସ୍ୱାସ୍ଥ୍ୟମେଳା

ତେନ୍ତୁଲିଖୁଣ୍ଟି, ୨୩।୪(ଡି.ଏନ୍.ଏ.)

ଆୟୁଷ୍ମାନ ଭାରତ ଯୋଜନାରେ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ସଦାଶିବ ପ୍ରଧାନୀ, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ନୀଳେନ୍ଦ୍ରୀ ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ ଯୋଗ ଦେଇଥିଲେ। ଡିପିଏମ୍ ସୁଶାନ୍ତ କୁମାର ପ୍ରହରାଜ, ଏଡିଏମ୍‌ଓଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ସମଲାଇ ପ୍ରସାଦ ପଣ୍ଡା, ଡା. ସଚ୍ଚିକାନ୍ତ ଲେଙ୍କାଙ୍କ ସମେତ ୮ ବିଭାଗର ଡାକ୍ତର ଉପସ୍ଥିତ ରହି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ୧୮୦ ପ୍ରକାର ଔଷଧ ବ୍ୟବସ୍ଥା କରି ବଣ୍ଟନ କରିଥିଲେ। ଏହି ଅବସରରେ ହୋଇଥିବା ରକ୍ତଦାନ ଶିବିରରେ ୨୦ ଜଣ ରକ୍ତଦାନ କରିଥିଲେ। ପୋଲିସ କର୍ମୀ ଯୁଧିଷ୍ଠିର ହରିଜନ କିଡ୍‌ନୀ ଓ ଆଖି ଦାନ କରିବା ପାଇଁ ଇଚ୍ଛା ଜାହିର କରିଥିଲେ।

# ଗାଣ୍ଡା ସମାଜର ନୂତନ ଗୃହ ଉଦ୍‌ଘାଟିତ

ରାଇଘର, ୨୩।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁରାବେଡ଼ା ଗ୍ରାମରେ ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ପାଣ୍ଠିରୁ ୨ ଲକ୍ଷ ଟଙ୍କା ବ୍ୟୟରେ ନବନିର୍ମିତ ଗାଣ୍ଡା ସମାଜର ଗୃହ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଲିପିକା ବାରୋଇ, ସମ୍ମାନିତ ଅତିଥି ରୂପେ ରାଇଘର ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ବ୍ଲକ ଉପାଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ଜିଲା ପରିଷଦ ସଭ୍ୟ ଖଗେଶ୍ୱର ହରିଜନ, ଯତୀନ୍ଦ୍ର ଗଣ୍ଡ, ବ୍ଲକ ବିଜେଡି ସଭାପତି ରାଇସିଂ ଗଣ୍ଡଙ୍କ ସମେତ ଗାଣ୍ଡା ସମାଜର ସମସ୍ତ କର୍ମକର୍ତ୍ତା, ସମାଜର ସମସ୍ତ ଜନସାଧାରଣ ଉପସ୍ଥିତ ଥିଲେ।



ଜିଲା ପରିଷଦ ଅଧ୍ୟକ୍ଷା ଲିପିକା ବାରୋଇ ନୂତନ ଗୃହ ଉଦ୍‌ଘାଟନ କରୁଛନ୍ତି।

# କ୍ରିୟାକଳାପ ମାଧ୍ୟମରେ ଶିଶୁଙ୍କୁ ଘରେ ଶିକ୍ଷାଦାନକୁ ଗୁରୁତ୍ୱ

## 'ଘର ହିଁ ବିଦ୍ୟାଳୟ', ମାତୃପିତୃ ସମ୍ମିଳନୀ କାର୍ଯ୍ୟକ୍ରମ

ମୁନିଗୁଡ଼ା, ୨୩।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ 'ଘର ହିଁ ବିଦ୍ୟାଳୟ' ଓ ମାତୃପିତୃ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ବେରଦଳେଇ ଓ ଗୁରୁଜୀ ଗିରିଜା ପ୍ରସାଦ ମିଶ୍ରଙ୍କ ମିଳିତ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ଅତିଥିଭାବେ ସଙ୍କୁଳ ପ୍ରମୁଖ ଗୌତମ ମଲ୍ଲିକ, ଶିକ୍ଷୟିତ୍ରୀ ମୀନାକ୍ଷୀ ମହାରଥୀ, ଅନୁଷ୍ଠାନର ସଭାପତି ବ୍ରହ୍ମାନନ୍ଦ ଆଚାରୀ, ଉପସଭାପତି ଗୌରିଶଙ୍କର ମହାନ୍ତି ଓ କୋଷାଧ୍ୟକ୍ଷ ଜଗନ୍ନାଥ ନିମାଲପୁରୀ ପ୍ରମୁଖ ଯୋଗଦେଇ ଦେବୀ ସରସ୍ୱତୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଅନୁଷ୍ଠାନ ଆଗାମୀ ଦିନରେ କିପରି ଶୃଙ୍ଖଳିତ ଭାବେ ଏବଂ ଅନୁଷ୍ଠାନର ମୂଳ ଉଦ୍ଦେଶ୍ୟକୁ ନେଇ ଚାଲିପାରିବ ସେ ନେଇ ଆଲୋଚନା ହୋଇଥିଲା। ସେହିପରି 'ଘର ହିଁ ବିଦ୍ୟାଳୟ' କାର୍ଯ୍ୟକ୍ରମରେ ଶିଶୁ ବାଟିକାର ଗୁରୁମା ରଶ୍ମିତା ନାୟକ ଓ ଗୀତାଞ୍ଜଳି ବେହେରା କ୍ରିୟାକଳାପ ମାଧ୍ୟମରେ ପିଲାଙ୍କୁ ଘରେ କିପରି ଶିକ୍ଷା ଦିଆଯାଇପାରିବ ସେ ନେଇ ଉପସ୍ଥିତ ଅଭିଭାବକମାନଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଶିଶୁ ମନ୍ଦିରର ସମସ୍ତ ଗୁରୁମା ଓ ଗୁରୁଜୀ ପରିଚାଳନା କରିଥିଲେ।

# ଡ୍ରାଇଭରଙ୍କ ଉପରେ ମାଡ଼ିଗଲା କୋଇଲା ଟ୍ରକ୍

## ସିସିଟିଭିରେ କଏଦ ହେଲା ଦୃଶ୍ୟ

ରାୟଗଡ଼ା ଅଫିସ, ୨୩।୪

ଗାଡ଼ି ଚକା ଯାଞ୍ଚବେଳେ ଚାଳକଙ୍କ ଉପରେ ଚଢ଼ିଗଲା ପଛରୁ ଆସୁଥିବା ମାଲ ବୋଝେଇ ଟ୍ରକ୍। ଏଥିରେ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ଆନ୍ଧ୍ର ପ୍ରଦେଶ ରାଜମେନ୍ଦ୍ରୀ କହରା ଗ୍ରାମର ସି.ଏଚ୍. କ୍ରିଷ୍ଣା। ରାୟଗଡ଼ା ସହର ପୁରୁଣା ପୋଲିସ ଥାନା ସମ୍ମୁଖ ରାସ୍ତାରେ ଏଭଳି ଘଟଣା ଘଟିଛି।

ସୂଚନା ଅନୁଯାୟୀ, ସକାଳେ ବିଶାଖାପାଟଣାରୁ ଆସିଥିବା ଲିକ୍ୱିଡ କେମିକାଲ ଜକେପୁର ସ୍ଥିତ ଜେକେ ପେପର ମିଲ୍‌ରେ ଅନ୍‌ଲୋଡ କରି କ୍ରିଷ୍ଣା ଫେରୁଥିଲେ। ରାୟଗଡ଼ା ସହରର ପୁରୁଣା ପୋଲିସ ଷ୍ଟେସନ ସମ୍ମୁଖ ରାସ୍ତାରେ ଟ୍ୟାଙ୍କର ରଖି ସେ ଚକାଗୁଡ଼ିକ ଯାଞ୍ଚ କରୁଥିଲେ। ଏହି ସମୟରେ ରାୟପୁରରୁ ବିଶାଖାପାଟଣା ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ୍ କ୍ରିଷ୍ଣାଙ୍କୁ ଧକ୍କା ଦେଇଥିଲା। ଏଥିରେ କ୍ରିଷ୍ଣାଙ୍କ ଡାହାଣ ପାଦ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ଶରୀରର ଅନେକ ସ୍ଥାନରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ପୋଲିସ ପହଞ୍ଚି ଗୁରୁତର କ୍ରିଷ୍ଣାଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଅନ୍ୟପକ୍ଷରେ କୋଇଲା ବୋଝେଇ ଟ୍ରକ୍ ଚାଳକ ହେମସିଂ ତୋମାରଙ୍କୁ ରାୟଗଡ଼ା ଥାନା ପୋଲିସ ଅଟକ ରଖି ପଚରାଉଚରା କରୁଛି। କ୍ରିଷ୍ଣାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବାବେଳେ ପରିବାର ଲୋକେ ପହଞ୍ଚିବା ପରେ ତାଙ୍କୁ ଉଚ୍ଚ ଚିକିତ୍ସା ନିମନ୍ତେ ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି ଜଣାପଡ଼ିଛି। ଉକ୍ତ ଦୁର୍ଘଟଣାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି ।

## ସଡ଼କ ଦୁର୍ଘଟଣାରେ ଜଣେ ମୃତ

ରାୟଗଡ଼ା ଅଫିସ, ୨୩।୪

କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ସେରିଗୁମ୍ମା ନିକଟରେ ଏକ ବାଇକ୍ ଓ ଅଟୋ ମଧ୍ୟରେ ମୁହାଁମୁହିଁ ଦୁର୍ଘଟଣା ଘଟି ବାଇକ ଆରୋହି ଆକାଶ ମିଣିଆକା(୨୩)ଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ଦୁଇ ଗୁରୁତର ହେଲେ ବିଭୁ ମିଣିଆକା ଓ କାନ୍ତା ରାଓ। ଉଭୟଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ଗୋଟିଏ ଦିନରେ ୨ ଅପମୃତ୍ୟୁ

ଜୟପୁର,୨୩।୪(ନି.ପ୍ର.)-ନିଖୋଜ ଥିବା ପୁରୁଣାଗଡ଼ର ଦେବ ମୁଦୁଲିଙ୍କ ସାନଭାଇ ମଦନ ମୁଦୁଲି (୩୧)ଙ୍କ ମୃତଦେହ ଜୟପୁର ଟାଉନ ଥାନା ପୋଲିସ ଶନିବାର ଜବତ କରିଛି। ଶୁକ୍ରବାରଠାରୁ ନିଖୋଜ ଥିବା ମଦନଙ୍କୁ ପରିବାର ଲୋକେ ଅନେକ ଖୋଜାଖୋଜି କରି ପାଇ ନ ଥିଲେ। ପୁରୁଣାଗଡ଼ର ଡଙ୍ଗରଦେଈ ମନ୍ଦିର ପଛପଟ ପାହାଡ଼ରେ ଏକ ଗଛରେ ମଦନ ଆତ୍ମହତ୍ୟା କରିଥିବା ଜାଣିବା ପରେ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତକରି ଜିଲା ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି। ସେହିପରି ଜୟପୁର ସଦର ଥାନା ଅନ୍ତର୍ଗତ ଫାମ୍ପୁଣି ଗ୍ରାମର ପ୍ରଦୀପ ସାହୁ ୨ ମାସ ହେବ ଜୟପୁର ସରକାରୀ ବସ୍‌ଷ୍ଟାଣ୍ଡରେ ରହୁଥିଲେ। ଗତ ୨ଦିନ ତଳେ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତିକରିଥିଲେ। ଶନିବାର ପ୍ରଦୀପଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ତାଙ୍କର କେହି ପରିବାର ଲୋକେ ଆସିବା ଯାଏ ମୃତଦେହ ୨୭ ଘଣ୍ଟା ଜିଲା ଚିକିତ୍ସାଳୟର ଶବ ସଂରକ୍ଷଣ ଗୃହରେ ରଖାଯିବ। ପରିବାର ଲୋକେ କେହି ଆସିଲେ ମୃତଦେହ ପ୍ରଦାନ କରାଯିବ ନଚେତ୍ ପ୍ରଶାସନ ତରଫରୁ ସତ୍କାର କରାଯିବ। ଏନେଇ ଟାଉନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ରାଲେଗଡା ପଞ୍ଚାୟତରେ ଜନ ସମ୍ପର୍କ ଶିବିର



ଚିତ୍ରକୋଣ୍ଡା,୨୩।୪(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ରାଲେଗଡା ପଞ୍ଚାୟତର ସାକୃବନ୍ଧା ଗ୍ରାମଠାରେ ପୋଲିସ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଓ ସ୍ୱାସ୍ଥ୍ୟ ମେଳା ଅନୁଷ୍ଠିତ ହୋଇ ଯାଇଛି। ଏସଡ଼ିପିଓ ଅଂଶୁମାନ ଦ୍ୱିବେଦୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରର କାର୍ଯ୍ୟକ୍ରମରେ ମାଲକାନଗିରି ଜିଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ ଅଧକ୍ଷତା କରିଥିଲେ। ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ରାଲେଗା ସରପଞ୍ଚ କମଲୁ ହନ୍ତାଳ, ଇନସ୍ପେକ୍ଟର ହିମାଂଶୁ ଭୋଇ, ଥାନା ଅଧିକାରୀ ସୂର୍ଯ୍ୟ ପ୍ରକାଶ ନାୟକ, ଯୋଡ଼ାମ୍ବ ଥାନା ଅଧିକାରୀ ଅନିଲ ପରିଡା ପରିଚାଳନା କରିଥିଲେ। ଏହି ଅବସରରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ମଧ ହୋଇଥିଲା। ଅତିଥିମାନଙ୍କୁ ରାଲେଗଡା ଓ ଧୂଳିପୁଟ ପଞ୍ଚାୟତବାସୀ ଡେମସା ନାଚରେ ସ୍ୱାଗତ କରି ଗ୍ରାମକୁ ପାଛୋଟି ନେଇଥିଲେ। ପୋଲିସ ପକ୍ଷରୁ ଉପସ୍ଥିତ ଜନସାଧାରଣଙ୍କୁ ଶାଢ଼ୀ, ଛତା, ବ୍ୟାଗ, ପାଣି ବୋତଲ,ବେଡ଼ସିଟ, ଖେଳ ଉପକରଣ, ବାଦ୍ୟ ଉପକରଣ ଆଦି ବଣ୍ଟନ କରାଯାଇଥିଲା।

### ୨୮କେଜି ଗଞ୍ଜେଇ ଜବତ , ୨ ଗିରଫ

କୋରୁକୋଣ୍ଡା, ୨୩।୪(ଡି.ଏନ.ଏ.)- ମାଲକାନଗିରି ଜିଲା ଓରକେଲ ପୋଲିସ ୨୮ କେଜି ଗଞ୍ଜେଇ ଜବତ କରି ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଙ୍ଗରଜାଡ଼ି ଗ୍ରାମର ଡମ୍ବରୁ ଟାଙ୍ଗୁଲ ଓ ଧ୍ରୁବ ଟାଙ୍ଗୁଲ। ଏସଆଇ ଭବାନୀ ସାହୁଙ୍କ ନେତୃତ୍ୱରେ ମଙ୍ଗରଜାଡ଼ି ଛକ ଅଞ୍ଚଳରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ସେଠାରେ ଡମ୍ବରୁ ଓ ଧ୍ରୁବ ଛିଡା ହୋଇଥିଲେ। ତେବେ ଉଭୟେ ପୋଲିସକୁ ଦେଖି ଦୌଡ଼ି ପଳାଇଥିଲେ। ପୋଲିସ ସେମାନଙ୍କୁ ପିଛା କରି କାବୁ କରି ସେମାନଙ୍କଠାରୁ ୨୮ କେଜି ଗଞ୍ଜେଇ ଜବତ କରିଥିଲା। ଜବତ ଗଞ୍ଜେଇର ମୂଲ୍ୟ ୫୦ ହଜାର ଟଙ୍କା ହେବ। ଉଭୟଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

### ୭୫୧ ରୋଗୀ କଲେ ସ୍ୱାସ୍ଥ୍ୟ ପରୀକ୍ଷା

କୋରାପୁଟ,୨୩।୪(ସ୍ୱ.ପ୍ର.)- କୋରାପୁଟ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ମେଳା ଶନିବାର ମସ୍ତିପୁଟ ପଞ୍ଚାୟତର ଏକତାଗୁଡା ଗ୍ରାମ ନିକଟରେ ଅନୁଷ୍ଠିତ ହୋଇଛି। ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସୁମନ ଟପ୍ପୋଙ୍କ ଅଧକ୍ଷତାରେ ଆୟୋଜିତ ଏହି ମେଳାରେ ବ୍ଲକ ଅଧକ୍ଷା ନମିତା ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଡିଓ ନରେନ୍ଦ୍ର ନାୟକ, ଏମ୍‌ପି ପ୍ରତିନିଧି ବାବୁଲା ବେନିଆ, ବ୍ଲକ ଉପାଧକ୍ଷ ଶିବ ଗୋଲରି, ମସ୍ତିପୁଟ ସରପଞ୍ଚ ସବିତା ଦାମୀ, ମହାଦେଇପୁଟ ସରପଞ୍ଚ ଗୋପୀ ମୁଦୁଲି, ଡାକ୍ତର ନୀଳ ମାଧବ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ମେଳାରେ ବ୍ଲକ ଅଞ୍ଚଳର ୭୫୧ ଜଣ ରୋଗୀ ନାମ ପଞ୍ଜୀକରଣ କରି ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେମାନଙ୍କୁ ମାଗଣା ଔଷଧ ପ୍ରଦାନ କରାଯାଇଛି।

# ବୈପାରିଗୁଡା ବ୍ଲକରେ ହେବ ମଡେଲ ଜଳ ବିଭାଜିକା ପ୍ରକଳ୍ପ

କୋରାପୁଟ,୨୩।୪(ସ୍ୱ.ପ୍ର.)



ମଡେଲ ପ୍ରକଳ୍ପ ପାଇଁ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା କ୍ଷେତ ପରିଦର୍ଶନ କରୁଛନ୍ତି।

- ପ୍ରକଳ୍ପ ହେଲେ ୬୦୦ ହେକ୍ଟର ଜମି ଜଳସେଚିତ ହେବ
- ମାଟିର ଗୁଣବତା ପରୀକ୍ଷା କରିବ ଆଇସିଏଆର
- ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ହେବ

ଭାରତୀୟ ମୃତ୍ତିକା ଓ ଜଳ ସଂରକ୍ଷଣ ସଂସ୍ଥାନ (ଆଇସିଏଆର)ର ଜ୍ଞାନ କୌଶଳ ସହାୟତାରେ କୋରାପୁଟ ଜିଲା ବୈପାରିଗୁଡା ବ୍ଲକର ଜି. ମାଳିଗୁଡାଠାରେ ମଡେଲ ଜଳ ବିଭାଜିକା ପ୍ରକଳ୍ପ ନିର୍ମାଣ ହେବ। ରାଜ୍ୟ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଉକ୍ତ ଅଞ୍ଚଳକୁ ଗସ୍ତ ପରେ କ୍ଷେତ୍ର ପରିଦର୍ଶନରେ କରି ଏହି ସୂଚନା ଦେଇଛନ୍ତି। ତାଙ୍କ ସହ ସୁନାବେଡାସ୍ଥିତ ଆଇସିଏଆରର ମୁଖ୍ୟ ଧ୍ରୁବଚରଣ ସାହୁ ଉପସ୍ଥିତ ଥିଲେ। ଜି.ମାଳିଗୁଡା ଗ୍ରାମର ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ଲକ୍ଷ୍ୟରେ କରାଯାଉଥିବା ଏହି ମଡେଲ ପ୍ରକଳ୍ପ ନିର୍ମାଣ ହେଲେ ୬୦୦ ହେକ୍ଟର ଜମି ଜଳସେଚିତ ହେବ। ୩୦ରୁ ଉର୍ଦ୍ଧ୍ୱ ପରିବାର ମିଶ୍ରିତ ଚାଷ କରି ଉପକୃତ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ପ୍ରକଳ୍ପ ଲାଗି ଆଇସିଏଆର ପକ୍ଷରୁ ମାଟିର ଗୁଣବତା ପରୀକ୍ଷା କରାଯାଇ ଏହି ମାଟିରେ କେଉଁ ପ୍ରକାର ଚାଷ କରାଯାଇପାରିବ ଓ ସେଠାରେ କି ପ୍ରକାର ସମସ୍ୟା ରହିଛି ଏବଂ ଏହାର ସମାଧାନ କିପରି କରାଯିବ ସେ ନେଇ ଗୁରୁତ୍ୱାରୋପ କରିବାକୁ ନିର୍ଦ୍ଦେଶକ ପଣ୍ଡା ଆଇସିଏଆର ମୁଖ୍ୟଙ୍କୁ ପରାମର୍ଶ ଦେଇଛନ୍ତି। କ୍ଷେତ ପରିଦର୍ଶନବେଳେ କୋରାପୁଟ ଜିଲା ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ ଦାସ, ଅତିରିକ୍ତ ଜିଲା ମୃତ୍ତିକା ସଂରକ୍ଷଣ ଅଧିକାରୀ ଅଶୋକ ସେନାପତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ।

# ଏଡିଏଭି ହାଇସ୍କୁଲରେ ବିଶ୍ୱ ଧରିତ୍ରୀ ଦିବସ ପାଳିତ



ଧରିତ୍ରୀ ଦିବସ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ।

ସୁନାବେଡ଼ା,୨୩।୪(ସ୍ୱ.ପ୍ର.)

ସୁନାବେଡ଼ା ମିଗ୍ ନଗରୀସ୍ଥିତ ଏଡିଏଭି ହାଇସ୍କୁଲର ଜୁନିୟର ରେଡ୍‌କ୍ରସ୍ ୟୁନିଟ୍ ପକ୍ଷରୁ ବିଶ୍ୱ ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରଧାନ ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ବୃକ୍ଷ ଅମ୍ଳଜାନ ଉତ୍ପାଦନ କରନ୍ତି, ଯାହା ପରିବେଶ ଓ ଜୀବଜଗତ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ବୃକ୍ଷରୋପଣ ଦ୍ୱାରା ହିଁ ଏହି ପୃଥିବୀକୁ ଜୀବନ୍ତ ରଖାଯାଇପାରିବ ବୋଲି ଜୁନିୟର ରେଡ୍‌କ୍ରସ୍ କାଉନସିଲର ସାହେଦା ପରୱିନ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବରିଷ୍ଠ ଶିକ୍ଷକ ରଘୁନାଥ ବେହେରା ’ ପ୍ରଦୂଷଣର ବୃଦ୍ଧି, ଗ୍ଲୋବାଲ ୱାର୍ମିଂ ଏବଂ ଜଙ୍ଗଲ ନଷ୍ଟ ହେବା ଭଳି ସମସ୍ୟା ସମ୍ପର୍କରେ ସୂଚନା ଦେଇଥିଲେ।

# ପାଣି ମୁନ୍ଦେ ପାଇଁ ଚାଲିବାକୁ ପଡୁଛି ମାଇଲ ମାଇଲ ବାଟ

ମାଲକାନଗିରି,୨୩।୪(ଡି.ଏନ୍.ଏ.)



କଲୋନିସାହି ମହିଳାମାନେ ଚୁଆରୁ ପାନୀୟ ଜଳ ସଂଗ୍ରହ କରି ଆଣୁଛନ୍ତି।

- କଲୋନିବାସୀଙ୍କୁ ଚଲିବାକୁ ପଡୁଛି ଚୁଆପାଣିରେ
- ପଞ୍ଚାୟତରୁ ବ୍ଲକ ପ୍ରଶାସନ ଯାଏ କେହି ଶୁଣୁନାହାନ୍ତି
- ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି ଲୋକେ

ପ୍ରଚଣ୍ଡ ଗ୍ରୀଷ୍ମତାପକୁ ଜଳକଷ୍ଟ ଏବେ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ପାନୀୟ ଜଳ ମୁନ୍ଦେ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସେମାନଙ୍କୁ ମାଇଲ ମାଇଲ ବାଟ ଚାଲିବାକୁ ପଡୁଛି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ତଣ୍ଡାପାଲି ପଞ୍ଚାୟତର ୧୨ ନଂ. ୱାର୍ଡ କଲୋନି ସାହିରେ।

ସାହିରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ସାହିବାସିନ୍ଦାଙ୍କ ଲାଗି କଲୋନିରେ ଗୋଟିଏ ମଧ ନଳକୂପ ନାହିଁ। ବର୍ଷ ସାରା ଲୋକେ ଜଳ ସମସ୍ୟା ଭୋଗୁଛନ୍ତି। ଗ୍ରୀଷ୍ମଦିନେ ଏହା ଅଧିକ ଉତ୍କଟ ହୋଇଥାଏ। କଲୋନି ସାହିର ମହିଳାମାନେ ଘରଠାରୁ ମାଇଲ ମାଇଲ ବାଟ ଯାଇ ଚୁଆରୁ ପାଣି ସଂଗ୍ରହ କରି ଆଣୁଛନ୍ତି। ଏହି ପାଣି ନିଜେ ବ୍ୟବହାର କରିବା ସହ ଗୃହପାଳିତ ପ୍ରାଣୀଙ୍କ ପାଇଁ ମଧ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ବହୁ ସମୟରେ ଲୋକେ ରୋଗାକ୍ରାନ୍ତ ହୋଇପଡୁଥିବା ଅଭିଯୋଗ କରିଛନ୍ତି। ଏନେଇ ପଞ୍ଚାୟତଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଜଣାଇ କିଛି ସୁଫଳ ମିଳିନାହିଁ। ସ୍ଥାନୀୟ ପ୍ରଶାସନର ଅବହେଳା ଯୋଗୁ ବ୍ଲକ ସଦର ମହକୁମା ନିକଟରେ ଥିବା ଏହି ଅଞ୍ଚଳରେ ଜଳ ସମସ୍ୟା ସୁଧୁରୁନାହିଁ। ତୁରନ୍ତ ଉକ୍ତ ଅଞ୍ଚଳରେ ଏକ ନଳକୂପ ଖନନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ଅଜୟ ପ୍ରଧାନଙ୍କୁ ପଚାରିବାରୁ ସେ କହିଲେ, କଲୋନିସାହି ମଣ୍ଡିରେ ସାହିବାସିନ୍ଦାଙ୍କ ପାଇଁ ଗୋଟିଏ ନଳକୂପ ରହିଛି। ଏଥିରୁ ସେମାନେ ପାଣି ବ୍ୟବହାର କରୁଛନ୍ତି। ପାଇପ ଯୋଗେ ପାନୀୟ ଜଳ ଯୋଗାଣ ନେଇ କଲୋନିସାହି ଆରମ୍ଭ ଯାଏ ପାଇପ ବିଛା, ଷ୍ଟାଣ୍ଡପୋଷ୍ଟ କାମ ସରିଛି। ଆସନ୍ତା ସପ୍ତାହକ ମଧ୍ୟରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହେବ ବୋଲି ପ୍ରଧାନ କହିଛନ୍ତି।

## ଝଡିଗୁଡା ସାହି ଗୋଷ୍ଠୀ ସଂଘର୍ଷର ତଦନ୍ତ ଆରମ୍ଭ ଦୁଇଦିନ ପରେ ମଧ ପୋଲିସ ହାତ ଖାଲି

ଦାମନଯୋଡି,୨୩।୪(ଡି.ଏନ୍.ଏ)

ନାଲକୋ ବିସ୍ଥାପିତ କୋଲନୀ ଝଡିଗୁଡାଠାରେ ଗୁରୁବାର ବିଳମ୍ବିତ ରାତ୍ରିରେ ଚଇତିପର୍ବପାଳନ ବେଳେ ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାର ତଦନ୍ତ ଦାମନଯୋଡି ପୋଲିସ ଆରମ୍ଭ କରିଛି। ଏଥିରେ ସମ୍ପୃକ୍ତ ଥିବା ସନ୍ଦେହରେ ୨୭ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏଯାଏ କାହାରିକୁ ଗିରଫ କରାଯାଇ ନ ଥିବା ଜଣାଯାଇଛି। ଅତିରିକ୍ତ ଏସ୍‌ପି ସତୀଶ ପାଢୀ, ସୁନାବେଡା ଏସଡିପିଓ, ସେମିଳିଗୁଡା, ଦାମନଯୋଡି ଆଇଆଇସିଙ୍କୁ ନେଇ ଗଠିତ ଟିମ ଘଟଣାର ଅନୁସନ୍ଧାନ ଜାରି ରଖିଛନ୍ତି। ଶନିବାର ଏହି ଟିମ୍ ଝଡିଗୁଡା ଯାଇ ଆହତଙ୍କ ଅବସ୍ଥା ସମ୍ପର୍କରେ ସେମାନଙ୍କୁ ପଚାରି ବୁଝିଥିଲେ। ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଛି। ଘଟଣାର ଦୁଇଦିନ ପରେ ପୋଲିସ ହାତରେ ଅଭିଯୁକ୍ତ ଧରା ନ ପଡିବା ଅସନ୍ତୋଷ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଏହି ଗୋଷ୍ଠୀ ସଂଘର୍ଷରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା।

## କୋରାପୁଟରେ ଘଡଘଡି ସହ କୁଆପଥର ବର୍ଷା

କୋରାପୁଟ,୨୩।୪(ସ୍ୱ.ପ୍ର.)–

କୋରାପୁଟରେ ଶନିବାର ସନ୍ଧ୍ୟାରେ ୨ଘଣ୍ଟା ଧରି ଘଡଘଡି ସହ ପ୍ରବଳ ବର୍ଷା ହୋଇଛି। ଫଳରେ ଗରମ ଓ ଗୁଳୁଗୁଳିରୁ ଲୋକେ ଆଶ୍ୱସ୍ତ୍ୟ ହୋଇଛନ୍ତି। ୬ଟାରୁ ୮ଟା ଯାଏ ହୋଇଥିବା ଏହି ବର୍ଷାରେ କୁଆପଥର ପଡିଛି। ଏଥିଯୋଗୁ ସହରରେ ବିଦ୍ୟୁତ ସେବା ବ୍ୟାହତ ହୋଇଛି। ସୁନାବେଡାଠାରୁ କୋରାପୁଟ ମଧ୍ୟରେ କେତେକ ଗଛ ଭାଙ୍ଗିଛି। କୋରାପୁଟ ସହର ସମେତ ଡୁମରିପୁଟ, ଦେବୀଘାଟ, ସୁନାବେଡାର ବିଭିନ୍ନ ସ୍ଥାନରେ ଏହି ବର୍ଷା ହୋଇଥିବା ଜଣାପଡିଛି। ବିଦ୍ୟୁତ ବିଭାଗ କର୍ମଚାରୀ ବିଦ୍ୟୁତ୍ ଯୋଗାଣ ଲାଗି ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ ଜାରି ରଖିଥିବା ସହକାରୀ ଯନ୍ତ୍ରୀ ମନୋରଞ୍ଜନ ମାର୍ଥା କହିଛନ୍ତି।

# ଗଞ୍ଜେଇ ଚୋରା ଚାଲାଣ ବେଳେ ୫ ଗିରଫ



ଗିରଫ ୫ ଅଭିଯୁକ୍ତ।

- ୧୨୫ କେଜି ଗଞ୍ଜେଇ, ୩ ବାଇକ୍ ଜବତ

କାଲିମେଳା, ୨୩।୪(ଡି.ଏନ.ଏ.)

ଚୋରା ଗଞ୍ଜେଇ ଚାଲାଣ ବେଳେ ମାଲକାନଗିରି ଜିଲା କାଲିମେଳା ପୋଲିସ ଏହାକୁ ଜବତ କରି ୫ ଜଣଙ୍କୁ ଗିରଫ କରିଛି। ଜବତ ଗଞ୍ଜେଇର ପରିମାଣ ୧୨୫ କେଜି। ୪୦୦ ଗ୍ରାମ। ଗଞ୍ଜେଇ ଚାଲାଣରେ ବ୍ୟବହୃତ ୩ ବାଇକ୍‌କୁ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ତେଲରାଇ ଗ୍ରାମର ଜଗା ମାଡକାମି (୩୦),ଦେବା ମାଡକାମି (୩୦), ରାମ ମାଡକାମି (୫୦) ଚିତ୍ରକୋଣ୍ଡା ଅଞ୍ଚଳର ବଙ୍ଗରାଇ ୱାଡୁ (୧୯) ଏବଂ ଆନ୍ଧ୍ର ଡଙ୍କରାଇ ଅଞ୍ଚଳର ରତନ ବୁଦ୍ଧିଆ (୩୦)। ଶନିବାର ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଖବରରୁ ଜଣାପଡିଛି ଥାନା ଅଧିକାରୀ ରଘୁନାଥ ମାଝୀଙ୍କ ନିର୍ଦ୍ଦେଶରେ ଏସଆଇ ଅଜିତ ସିଂ ବରିଆ, ଏଏସ୍‌ଆଇ ମଣି ଦାଢିଆଙ୍କ ସହ କର୍ମଚାରୀମାନେ ଶୁକ୍ରବାର ସନ୍ଧ୍ୟାରେ ମାଲାକାନଗିରି ମୋଟୁ ଜାତୀୟ ରାଜପଥର ଏମ୍‌ଭି- ୬୬ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ୩ଟି ବାଇକ୍‌ରେ ୫ ଜଣ ବସ୍ତାରେ କିଛି ସମାଗ୍ରୀ ନେଉଥିବା ପୋଲିସ ନଜରକୁ ଆସିଥିଲା। ସେମାନଙ୍କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ଗଞ୍ଜେଇ ବାହାରିଥିଲା। ଭେଜାଙ୍ଗିବଡ଼ା ଅଞ୍ଚଳରୁ ଭଦ୍ରାଚଳମକୁ ଏହି ଗଞ୍ଜେଇ ଚାଲାଣ କରୁଥିଲେ ବୋଲି ଅଭିଯୁକ୍ତମାନେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଜବତ ଗଞ୍ଜେଇର ବଜାର ମୂଲ୍ୟ ୬ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ।

# ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟିତ: ରାଜ୍ୟସ୍ତରକୁ ୫ ପ୍ରକଳ୍ପ ମନୋନୀତ

କୋରାପୁଟ,୨୩।୪(ସ୍ୱ.ପ୍ର.)



ବିଜ୍ଞାନ ମେଳାରେ ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

କୋରାପୁଟସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଜିଲାସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ ବୃନ୍ଦାବନ ଶତପଥୀ ମୁଖ୍ୟଅତିଥିଭାବେ ଯୋଗ ଦେଇ ଏହି ମେଳାକୁ ଉଦଘାଟନ କରିଛନ୍ତି। ଏପରି ମେଳା ଛାତ୍ରୀଛାତ୍ରଙ୍କ ବିଜ୍ଞାନ ପ୍ରତି ଆଗ୍ରହ ବୃଦ୍ଧି କରିବ। ସେମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ବିଜ୍ଞାନ ପ୍ରତିଭା ଲୋକଲୋଚନକୁ ଆସିପାରିବ ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ରାମଜଚନ୍ଦ୍ର ନାହାକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ସ୍ୱାଇଁ ଉପସ୍ଥିତ ଥିଲେ। ଜିଲାର ସମସ୍ତ ୧୪ଟି ବ୍ଲକ ଅଞ୍ଚଳରୁ ଗଣିତ, ବିଜ୍ଞାନ ଓ ପରିବେଶ ସମ୍ପର୍କିତ ୭୦ଟି ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା। ଏଥିରେ ଦଶମନ୍ତପୁର ବ୍ଲକ ବାଲିଘାଟ ବିଦ୍ୟାଳୟର ଅରୁଣ ଉଗ୍ରୀଙ୍କ ସଫ୍ଟୱେର ଆପ୍ ପ୍ରକଳ୍ପ, କୋରାପୁଟ ମାନବାର ବିଦ୍ୟାଳୟର ଚିତ୍ରା ଜାନି, କୋଟପାଡର ଗୋଲକ ନାଥ ଶତ୍ରୁଶଲ୍ୟ, ଜୟପୁର ସରସ୍ୱତୀ ଶିଶୁ ମନ୍ଦିରର ପ୍ରତ୍ୟୁଷ ମହାପାତ୍ର, କୋଟପାଡ ବାଳିକା ବିଦ୍ୟାଳୟର ଶ୍ରୀୟା ଜେନାଙ୍କ ପ୍ରକଳ୍ପଗୁଡିକ ରାଜ୍ୟସ୍ତରକୁ ମୋନନୀତ ହୋଇଛି। ଏହି ବିଜ୍ଞ୍ୟାନ ମେଳାରେ ସୁନାବେଡା ବାଳିକା ବିଦ୍ୟାଳୟ, ସୁନାବେଡା ମହିଳା ମହାବିଦ୍ୟାଳୟ,କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଚାରକ ଭାବେ ଯୋଗ ଦେଇଥିଲେ।

# ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବାର ଦ୍ୱିତୀୟ ପର୍ଯ୍ୟାୟ ଚିକିତ୍ସା ଆରମ୍ଭ

ମାଲକାନଗିରି,୨୩।୪(ଡି.ଏନ୍.ଏ.)

- ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବାର ଦ୍ୱିତୀୟ ପର୍ଯ୍ୟାୟ ଚିକିତ୍ସା ସେବା ଶନିବାର ଆରମ୍ଭ ହୋଇଛି। ଏହି ଚିକିତ୍ସା ୨ଦିନ ଧରି ଚାଲିବ । ଏଥିରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜର ଲେପ୍ରୋ ସର୍ଜରି ଡା. ବନବିହାରୀ ମିଶ୍ର, ୟୁରୋଲୋଜିର ଡା.ବେଣୁ ପାଣିଗ୍ରାହୀ, ହେପାଟୋଲୋଜିର ଡା. ସୁଶାନ୍ତ ଜେନା, କାର୍ଡିଓଲୋଜିର ଡା. ଚନ୍ଦ୍ରକାନ୍ତ ମିଶ୍ର ଓ ଆନେସ୍ଥେସିଆର ଡା.ସିଦ୍ଧାର୍ଥ ଶ୍ରବଣ ରାଉତରାୟ ସାମିଲ ହୋଇଛନ୍ତି। ହେଲିକପ୍ଟର ଯୋଗେ ଏହି ଟିମ୍ ଜୟପୁରରେ ପହଞ୍ଚିବା ପରେ ସେଠାରୁ ଏକ ଗାଡ଼ିରେ ଆସି ମାଲକାନଗିରି ଚିକିତ୍ସାଳୟରେ ପହଞ୍ଚିଥିଲେ। ପରେ ଏହି ଡାକ୍ତରମାନେ ରୋଗୀ ଚିକିତ୍ସା ଆରମ୍ଭ କରିଥିଲେ। ଏଥିପାଇଁ ପୂର୍ବରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନ କରାଯାଇଛି। ବହୁ ସଂଖ୍ୟାରେ ରୋଗୀ ଆସି ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବା ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଫୁଲ୍ଲ ନନ୍ଦ କହିଛନ୍ତି। ଏହି ୨ ଦିନରେ ୧୨ରୁ ଉର୍ଦ୍ଧ୍ୱମେଜର ସର୍ଜରି କରାଯିବାକୁ ସ୍ଥିର ହୋଇଛି। ଇକୋ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିର ଏଣ୍ଡୋସ୍କପି ଡାଇଗ୍ନୋସିସ୍ ପାଇଁ ସୁପର ସ୍ପେଶାଲିଷ୍ଟ ଆସିଛନ୍ତି। ୫୦ ଜଣଙ୍କ ଅଲ୍ଟ୍ରାସାଉଣ୍ଡ ଓ ୪ଶହରୁ ଉର୍ଦ୍ଧ୍ୱ ଇକୋ କରାଯାଇଥିବା ଡାକ୍ତର ନନ୍ଦ କହିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ହୋଇଥିବା ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବାର ପ୍ରଥମ ପର୍ଯ୍ୟାୟରେ ୧୬୯ ରୋଗୀ ଉପକୃତ ହୋଇଥିଲେ।



ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବାରେ ଜଣେ ରୋଗୀ ଚିକିତ୍ସିତ ହେଉଛନ୍ତି।

# ୩ ସ୍ଥାନରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା



ପଟ୍ଟାଙ୍ଗୀରେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।



କୋଟପାଡରେ ଏମ୍‌ପି ରମେଶଚନ୍ଦ୍ର ମାଝୀ ସ୍ୱାସ୍ଥ୍ୟମେଳା ଉଦ୍‌ଘାଟନ କରୁଛନ୍ତି।

ପଟ୍ଟାଙ୍ଗୀ/କୋଟପାଡ଼/କାଲିମେଳା, ୨୩।୪(ଡି.ଏନ୍.ଏ.)

କୋରାପୁଟ ଓ ମାଲକାନଗିରି ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶୁକ୍ରବାର ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲାର ପଟ୍ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ମିନିଷ୍ଟାଡିୟମରେ ଆୟୋଜିତ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳାକୁ ବିଧାୟକ ପ୍ରୀତମ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳ ଲୋକମାନେ କିପରି ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରିବେ ତାହା ଏହି ସ୍ୱାସ୍ଥ୍ୟମେଳାର ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ କଳ୍ପନା ପାଙ୍ଗୀ, ଉପାଧକ୍ଷ ତ୍ରିନାଥ କଟା, ଜୋନ୍-୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଜୋନ୍-୨ର ଜିଲା ପରିଷଦ ସଭ୍ୟ ଲଇଚନ ଖରା, ସମିତି ସଭ୍ୟା ଶିବାନୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜଗଦୀଶ ଶତପଥୀ ସଭାପତିତ୍ୱ କରିଥିଲେ। ବିଭିନ୍ନ ଗ୍ରାମର ୧୪୧୩ ଜଣ ପଞ୍ଜୀକୃତ ହୋଇଥିଲେ। କୋରାପୁଟ ଜିଲା ସଦର ମହକୁମାରୁ ଡାକ୍ତର ନବକିଶୋର କୁଣ୍ଡୁ, ଡା.ଦୀନବନ୍ଧୁ ଚୌଧୁରୀ, ଡା. ପ୍ରତ୍ୟୁଷ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ରୋଗୀ ଚିକିତ୍ସା କରିଥିଲେ।

କୋଟପାଡ଼ ସୀମାନ୍ତ ଚାନ୍ଦିଲି ପଞ୍ଚାୟତସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବ୍ଲକସ୍ତରୀୟ ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। କୋଟପାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସାରଦା ପ୍ରସାଦ ମୁନି ଏହାକୁ ପରିଚାଳନା କରିଥିଲେ। ଏହାକୁ ମୁଖ୍ୟ ଅତିଥି ରୂପେ ନବରଙ୍ଗପୁରର ଏମ୍‌ପି ରମେଶ ଚନ୍ଦ୍ର ମାଝି ଯୋଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସିଡିଏମ୍‌ଓ ଅରୁଣ ପାଢ଼ୀ, ବ୍ଲକ ଅଧକ୍ଷା କମଳା ଭତରା ଉପସ୍ଥିତ ଥିଲେ। ସ୍ୱାସ୍ଥ୍ୟମେଳାରେ ଚକ୍ଷୁ, ଅସ୍ଥି, ମଧୁମେହ, ସ୍ତ୍ରୀରୋଗ, ଦନ୍ତରୋଗର ଚିକିତ୍ସା ହୋଇଥିଲା। ଆଖପାଖ ଅଞ୍ଚଳର ଶତାଧିକ ଲୋକ ଚିକିତ୍ସା ସୁବିଧା ନେଇଥିଲେ। ଡାକ୍ତର ଏସ୍.କେ. ପେଜାଲ ରବି, ସରୋଜ ହାଲ୍‌ବା ,ଶ୍ରୀରାମ ପଣ୍ଡା, ରାଗିଣୀ ଗୌଡ଼ ପ୍ରମୁଖ ରୋଗୀ ଚିକିତ୍ସା କରିଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଖରା, ଏମ୍‌ପି ପ୍ରତିନିଧି ତ୍ରିପତି ମହାନ୍ତଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

ଆଜାଦୀ କା ଅମ୍ରିତ ମହୋତ୍ସବ ଉପଲକ୍ଷେ ମାଲକାନଗିରି ଜିଲା କାଲିମେଳା ବ୍ଲକ ବଡିଗେଟା ଗ୍ରାମ ଖେଳପଡିଆଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସୁବାସିନୀ ସୋଡ଼ି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି, ଜିଲା ପରିଷଦ ସଭ୍ୟା ମମତା ପଡିଆମି, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ ବେହେରା, ପୂର୍ବତନ ବ୍ଲକ ଅଧକ୍ଷ ମାଳା ମାଡ଼ି, ସିଡିପିଓ ଅନ୍ନପୂର୍ଣ୍ଣା ବୁରୁଦା,ବଡିଗେଟା ସରପଞ୍ଚ ଲିଲି ସୋଡ଼ି, ପୂର୍ବତନ ଜିଲା ପରିଷଦ ସଭ୍ୟ ସହଦେବ ମାଟମ, ଇରମା କବାସିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶତାଧିକ ରୋଗୀଙ୍କୁ ଚିକିତ୍ସା କରି ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ବିପିଏମ୍ ବିକାଶ ମିଶ୍ର, ସ୍ନିଗ୍ଧାରାଣୀ ପଣ୍ଡା, ସୁକାନ୍ତ ସାହୁ ସହଯୋଗ କରିଥିଲେ।

